## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ଖାଜିପଲ୍ଲୀ-ମୋହନାପଲ୍ଲୀ ମଧ୍ୟବର୍ତ୍ତୀ ଏକ ତୋଟାରେ ଶନିବାର ଜଣେ ବ୍ୟକ୍ତି ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହିଞ୍ଜିଳିକାଟୁ ବ୍ଲକ ଦାରୁଭଦ୍ରା ପଞ୍ଚାୟତ ସାପୁଆପଲ୍ଲୀ ଗ୍ରାମର ଗୋବିନ୍ଦ ସେଠୀ (୪୦)। ଖବର ପାଇ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଘଟଣା ସ୍ଥଳରୁ ପୋଲିସ ଏକ ବାଇକ୍ ଓ କୀଟନାଶକ ଡବା ଜବତ କରିଛି।



**ସଂକ୍ଷେପରେ**

## କଡ଼ା ସୁରକ୍ଷାରେ ଯୁକ୍ତ୨ ପ୍ରଶ୍ନପତ୍ର

### ୨୪ ଘଣ୍ଟିଆ ପୋଲିସ ପ୍ରହରା ବ୍ୟବସ୍ଥା

ବୁଗୁଡା, ୧୫।୨ (କାଳିଚରଣ ଦାଶ)

ବୁଗୁଡାସ୍ଥିତ ପିପୁଲ୍ଲ କଲେଜ ହବ୍ ସେଣ୍ଟରରେ ଯୁକ୍ତ୨ ବିଜ୍ଞାନ ଓ କଳା ସହିତ ଧନ୍ଦାମୂଳକ ଶିକ୍ଷାର ପ୍ରଶ୍ନପତ୍ର ଆସି ପହଞ୍ଚିଛି। ସେଗୁଡିକ ପୋଲିସର କଡା ସୁରକ୍ଷାରେ ରହିଛି। ପୋଲିସ ଟିମ୍ ୨୪ ଘଣ୍ଟା ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ୍ ପାଖରେ ପ୍ରହରା ଦେଉଛି। ଚଳିତ ମାସ ୧୮ ତାରିଖରୁ ଯୁକ୍ତ୨ ବିଜ୍ଞାନ ଓ ୧୯ ତାରିଖରୁ ଯୁକ୍ତ୨ କଳା ପରୀକ୍ଷା ଆରମ୍ଭ ହେବ। ବୁଗୁଡ଼ା ପିପୁଲ୍ଲ କଲେଜ ଓ ବଳଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କରଚୁଲି ଶକୁନ୍ତଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ଏବଂ ପିପୁଲ୍ଲ କଲେଜର ଧନ୍ଦାମୂଳକ ପରୀକ୍ଷାର୍ଥୀ ନିଜ ନିଜ ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ଆସିଥିବା ପ୍ରଶ୍ନପତ୍ର ଏହି ହବ୍ ସେଣ୍ଟରରେ ଗଚ୍ଛିତ ରହିଛି। ଅନ୍ୟପକ୍ଷରେ ବାଲିପଦରସ୍ଥିତ ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପିପୁଲ୍ଲ କଲେଜ କେନ୍ଦ୍ରରେ ପରୀକ୍ଷା ଦେବେ। ଉକ୍ତ ହବ୍ ସେଣ୍ଟରର ସୁପରଭାଇଜର ଓ ଡେପୁଟି ସୁପରଭାଇଜର ଦାୟିତ୍ୱରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଅଧ୍ୟାପକ ଡ. ଜୟରାମ ବିଷୋୟୀ ରହିଛନ୍ତି। ସେମାନଙ୍କ ସହଯୋଗୀ ଭାବେ କନିଷ୍ଠ କିରାଣି ହର ପ୍ରସାଦ ମହାପାତ୍ର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୁଗଳ କିଶୋର ଜେନା ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ବୁଗୁଡ଼ା ବ୍ଲକର ବିଭିନ୍ନ କେନ୍ଦ୍ରରେ ଯୁକ୍ତ୨ ବିଜ୍ଞାନରେ ୩୩୬ ଏବଂ କଳାରେ ୧୧୫୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିରୁ ବିଜ୍ଞାନରେ ୪୩ ଏବଂ କଳାରେ ୪୧ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି।

## ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ରାଇକିଆ, ୧୫।୨ (ପ୍ରଦୀପ ବେହେରା)

ରାଇକିଆଠାରେ ଭାରତ ନିର୍ମାଣ ଆଜାଦି ସେବା ସଙ୍ଗଠନ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାରେ ସ୍ଥାନୀୟ ଲୋକମାନେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ମହମବତୀ ଧରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ଶେଖର ଦିଗାଲ, ଡାଇରେକ୍ଟର ସୁଶୀଲ ପ୍ରଧାନ, ରାଇକିଆ ଶାଖା ସଭାପତି ବିଟୁ ଦିଗାଲ, ମୁଖ ପାତ୍ର ରୋଶନ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ପୂର୍ବତନ ସେନା କର୍ମଚାରୀମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ୨୦୧୯ ଫେବୃଆରୀ ୧୪ରେ ଆତଙ୍କବାଦୀ ଆକ୍ରମଣରେ ପୁଲୱାମାଠାରେ ଭାରତୀୟ ସେନାର ୪୦ ଯବାନ ଶହୀଦ ହୋଇଥିଲେ। ସେବେଠାରୁ ଏହି ଦିବସକୁ ସ୍ମୃତିଚାରଣ ପାଇଁ ଏହାକୁ କଳା ଦିବସ ରୂପେ ପାଳନ କରାଯାଉଛି।

# ଖୁବ୍‌ଶୀଘ୍ର ୫୩୯୨୨ ଗ୍ରାମକଣ୍ଠ ପରମବୋକ ମାମଲା ଫଇସଲା

ଛତ୍ରପୁର, ୧୫।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

**ଗଞ୍ଜାମ ଜିଲ୍ଲା**

୧୯୦୮ରେ ମାଡ୍ରାସ ଇଷ୍ଟେସ ଲ୍ୟାଣ୍ଡ ଆକ୍ଟ ଅନୁସାରେ ଗ୍ରାମକଣ୍ଠ ବା ବସ୍ତି ପରମବୋକ ଜମିକୁ ରୟତ ଜମିରୂପେ ଗଣନା କରାଯାଉଥିଲା। ଗଞ୍ଜାମ ଜିଲାରେ ପରମବୋକ ଜମିର ରେକର୍ଡ ଯଥା ବସ୍ତି ପରମବୋକ, ନାଳ ପରମବୋକ, ଦଣ୍ଡା ପରମବୋକ ଆଦି ରହିଛି। ବସ୍ତି ବା ଗ୍ରାମକଣ୍ଠ ପରମବୋକ ଭାବେ ରେକର୍ଡ ହୋଇଥିବା ଜମିରେ ଜିଲାପାଳଙ୍କ ଆଦେଶରେ ବସବାସ କରି ରହିବା ପାଇଁ ରୟତ ବା ଗ୍ରାମବାସୀଙ୍କୁ ସୁବିଧା ପ୍ରଦାନ କରାଯାଉଥିଲା। ମାତ୍ର ଏମାନଙ୍କ ଉପରେ ଖଜଣା ଧାର୍ଯ୍ୟ କରାଯାଉ ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପରମବୋକ ଜମିରେ ବସବାସ କରୁଥିବା ଲୋକଙ୍କ ନାମରେ ଘରବାରି ସ୍ୱତ୍ୱରେ ରେକର୍ଡ କରାଯାଇ ଖଜଣା ଧାର୍ଯ୍ୟ କରାଯାଇଥିଲା ଏବଂ ବିଶେଷ ସମୟରେ ଏହି ଜମି ହସ୍ତାନ୍ତର ଯୋଗ୍ୟ ନୁହେଁ ବୋଲି ଉଲ୍ଲେଖ କରାଯାଇଥିଲା। ଏହାଦ୍ୱାରା ପରମବୋକ ଜମିରେ ବସବାସ କରୁଥିବା ବ୍ୟକ୍ତି ଅନ୍ୟ କାହାକୁ କିଣାବିକା କରିପାରୁ ନ ଥିଲେ। ଏପରିକି ଉକ୍ତ ଜମି ଉପରେ ଜାତିଗତ ପ୍ରମାଣପତ୍ର କିମ୍ବା ଅନ୍ୟ କୌଣସି ପ୍ରମାଣପତ୍ର ପାଇବାରେ ସମସ୍ୟା ଦେଖାଯାଉଥିଲା।

ସମ୍ପ୍ରତି ସରକାରଙ୍କ ନିଷ୍ପତ୍ତି ଅନୁସାରେ ଉକ୍ତ ଜମିଗୁଡିକର ହସ୍ତାନ୍ତର ଅଧିକାର ଦେବା ସକାଶେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗଞ୍ଜାମ ଜିଲାରେ ମୋଟ ୨୫୫୬୭୨୩ ଗ୍ରାମକଣ୍ଠ ପରମବୋକ ଜମି ଥିଲା। ତନ୍ମଧ୍ୟରୁ ୨୦୧୮୦୧ ଗ୍ରାମକଣ୍ଠ ପରମବୋକ ଜମି ବନ୍ଦୋବସ୍ତ ହେବା ସଙ୍ଗେ ସଙ୍ଗେ ହସ୍ତାନ୍ତର ଯୋଗ୍ୟ କରାଯାଇପାରିଛି । ଏହି ଜମି ବନ୍ଦୋବସ୍ତ ହେବା ପରେ ଏହାକୁ ଲୋକେ ନିଜ ଅସୁବିଧା ସମୟରେ କିଣାବିକା କରିପାରୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ନେବା ସଙ୍ଗେ ସଙ୍ଗେ ଆବଶ୍ୟକ ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଇତ୍ୟାଦି ହାସଲ କରିବା ସହ ବ୍ୟାଙ୍କରୁ ଋଣ ନେବା ସୁବିଧା ମଧ୍ୟ ସେମାନେ ପାଇପାରୁଛନ୍ତି । ଗଞ୍ଜାମ ଜିଲାରେ ବଳକା ଥିବା ୫୩୯୨୨ ଗ୍ରାମକଣ୍ଠ ପରମବୋକ ମାମଲାଗୁଡିକର ଫଇସଲା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କ ଅବସର ବୟସ ୬୨ କରିବାକୁ ଦାବି

### ଦାବିପୂରଣ ନ ହେଲେ ରାଜ୍ୟସ୍ତରରେ ଆନ୍ଦୋଳନ



ବୈଠକରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଭଞ୍ଜନଗର, ୧୫।୨ (ବାବୁଲା ପ୍ରଧାନ):

ଭଞ୍ଜନଗରଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, (ଓଷ୍ଟା)ର ଡାକରାରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଭଞ୍ଜନଗର ବ୍ଲକ ପକ୍ଷରୁ ଜିଲା ସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଉପଦେଷ୍ଟା ଅମର ବିଳାସ ବେହେରା, ଅଧ୍ୟକ୍ଷ ତଥା ବ୍ଲକ ଓଷ୍ଟା ସମ୍ପାଦକ ଗୌରୀ ନନ୍ଦନ ହୋତା, ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କାମରାଜୁ ଗୌଡ଼, ସତ୍ୟବାନ ସାହୁ, ସରୋଜ ଲକ୍ଷ୍ମୀ ଦାସ ଯୋଗଦେଇ ୧୯୪ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଅନୁଦାନ ଦେବା, ନିୟୁ ଏଇଡେଡ଼ ହାଇସ୍କୁଲର ଚାକିରି ସର୍ତ୍ତାବଳୀ, ଶିକ୍ଷକଙ୍କ ଅବସର ବୟସକୁ ୬୨ ବର୍ଷ କରିବା, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ ସହ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରାଯାଇ ଏହାକୁ ସରକାର ଗ୍ରହଣ କରିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଯଦି ସରକାର ଏହାକୁ ତୁରନ୍ତ କାର୍ଯ୍ୟକାରୀ ନ କରନ୍ତି ତାହାହେଲେ ଆଗାମୀ ଦିନରେ ସମନ୍ୱୟ ସମିତି ତରଫରୁ ରାଜ୍ୟ ସ୍ତରରେ ବିଶାଳ ଆନ୍ଦୋଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଭାସ୍କର ପାଣି, ସନତ ଦଳବେହେରା, ଶରତ ଚନ୍ଦ୍ର ମହାରଣା, ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସତ୍ୟବାନ ସାହୁ ଧନ୍ୟବାଦ ଦେଇଥିଲେ। ସଭାରେ ବହୁ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଆଜିଠୁ ମା' ରାମଚଣ୍ଡୀ ମହୋତ୍ସବ

### ୧୮ରେ ସାଧୁ ସମ୍ମିଳନୀ

ଛତ୍ରପୁର, ୧୫।୨ (ସନ୍ତୋଷ ପାଢ଼ୀ)

ଛତ୍ରପୁର ନିକଟବର୍ତ୍ତୀ ନୀଳାଦ୍ରିପୁର ଗ୍ରାମର ପାହାଡ଼ ଶିଖରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ରାମଚଣ୍ଡୀଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହା ୧୬ରୁ ୧୮ଯାଏଁ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତ୍ୟେକ ଦିନ ଚଣ୍ଡୀପାଠ, ହବନ ଓ ପୂଜାପାଠ ହେବ। ଏହା ସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ, ଲୋକକଳା, ଲୋକନୃତ୍ୟ ସାଙ୍ଗକୁ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯିବ। ୧୬ରେ ମନ୍ତ୍ରୀ ଓ ବିଧାୟକ ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯିବ। ୧୭ରେ ମନ୍ଦିର ସମ୍ମୁଖରେ ଜିଲ୍ଲାସ୍ତରୀୟ ବାଦିପାଲା ସହିତ ପାହାଡ଼ ତଳେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ୧୮ରେ ମହାକୁମ୍ଭରୁ ଫେରିଥିବା ସାଧୁ ଓ ସନ୍ଥ ମାନଙ୍କୁ ନେଇ ବିଶାଳ ସାଧୁ ସମ୍ମେଳନୀ ଅନୁଷ୍ଠିତ ହେବ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ସାଧୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟେକ ଦିନପରି ଶେଷ ଦିନ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ରାଜ୍ୟସ୍ତରୀୟ ନେତା ତଥା ଆଗଧାଡ଼ିର ଅଭିନେତ୍ରୀ ଓ ଅଭିନେତା ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଅଗ୍ନିବିପନ୍ନଙ୍କୁ ସହାୟତା

ଛତ୍ରପୁର, ୧୫।୨ (ଦିଲ୍ଲୀପ ସାମଲ):

ଚମାଖଣ୍ଡି ଥାନା ଅନ୍ତର୍ଗତ ତିଅରବସା ଗ୍ରାମର ଦୃଷ୍ଟିବାଧିତ ସୁଦର୍ଶନ ବେହେରାଙ୍କ ଘରେ ଗତ ସୋମବାର ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ତାଙ୍କର ସମସ୍ତ ସାମଗ୍ରୀ ସହ ଘର ପୋଡି ଯାଇଥିଲା। ନିଆଁରେ ସୁଦର୍ଶନଙ୍କ ସାନ ଝିଅ ଓ ଅନ୍ୟ ୨ ଜଣ ଆହତ ହୋଇଥିଲେ। ଝିଅ ଏବେ ବି ଚିକିତ୍ସିତ ହେଉଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ଯଶୋଦା ଫାଉଣ୍ଡେସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟି ସାଗରିକା ପଣ୍ଡା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ପୁଷ୍ପାଞ୍ଜଳି ସାହୁ ଓ ଦମୟନ୍ତୀ ପାଣିଗ୍ରାହୀ ସୁଦର୍ଶନଙ୍କ ଘରେ ପହଞ୍ଚି ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

## ଆହାର କେନ୍ଦ୍ର ବୁଲି ଦେଖିଲେ ଏନ୍‌ଏସି ଅଧ୍ୟକ୍ଷ


ଆହାର କେନ୍ଦ୍ରରେ ଏନ୍‌ଏସି ଅଧ୍ୟକ୍ଷ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

ଭଞ୍ଜନଗର, ୧୫।୨ (ବାବୁଲା ପ୍ରଧାନ):

ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଶନିବାର ଅଚାନକ ସ୍ଥାନୀୟ ଆହାର କେନ୍ଦ୍ର ବୁଲି ଦେଖିଥିଲେ। ସେଠାରେ କିଭଳି ଖାଦ୍ୟ ମିଳୁଛି ସେ ନେଇ ଲୋକଙ୍କୁ ପଚାରିଥିଲେ। ଏଥିସହ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଭଞ୍ଜନଗର ଆହାର କେନ୍ଦ୍ରରେ ଦିନରେ ୫୦୦ ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା ହେଉଥିବା ବେଳେ ରାତିରେ ୧୦୦ ଲୋକଙ୍କ ପାଇଁ ଖାଦ୍ୟ ହେଉଛି। ବିଭିନ୍ନ ସମୟରେ ଆହାର କେନ୍ଦ୍ର ଉପରେ ଲୋକଙ୍କ ଭିନ୍ନ ଭିନ୍ନ ଅଭିଯୋଗ ଆସୁଥିବା ବେଳେ ଅଧ୍ୟକ୍ଷ ହଠାତ୍ ଗସ୍ତ କରି ବିଭିନ୍ନ ବ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ଅଧ୍ୟକ୍ଷ ଆହାର କେନ୍ଦ୍ର ଚତୁଃପାର୍ଶ୍ୱରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରୁ ଆସି ସେ ଆର୍‌ଏମସି ନିକଟରେ ହେବାକୁ ଥିବା ଫାଷ୍ଟଫୁଡ ଷ୍ଟଲ ଅଞ୍ଚଳ ବୁଲି ଦେଖିଥିଲେ। ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ଏନଏସି ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ଯନ୍ତ୍ରୀ ଦିଲ୍ଲୀପ ମିଶ୍ର ଉପସ୍ଥିତ ଥିଲେ।

## ପୋଖରୀ ପୁନରୁଦ୍ଧାରରେ ଦୁର୍ନୀତି ଅଭିଯୋଗ

### ତଦନ୍ତ ନିର୍ଦ୍ଦେଶ ଦେଲା ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ

ଚିକିଟି, ୧୫।୨ (ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଦେବୀପୁର ଗ୍ରାମର ଏକ ପୋଖରୀକୁ ୨୦୨୨-୨୩ ଆର୍ଥିକ ବର୍ଷରେ ୬ ଲକ୍ଷ ଟଙ୍କା ବ୍ୟୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ ଯୋଜନା (ଏମ୍‌ଜି ଏନଆରଇଜିଏସ୍)ରେ ପୁନରୁଦ୍ଧାର କରାଯାଇଥିବା ଦର୍ଶାଯାଇଥିଲା। ମାତ୍ର ପୋଖରୀରେ ପୁନଃରୁଦ୍ଧାର କିମ୍ବା ମରାମତି ହୋଇ ନ ଥିଲା। ଏନେଇ ରାଜ କିଶୋରପୁର ଗ୍ରାମର ସାମାଜିକ କର୍ମୀ ବସନ୍ତ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗଞ୍ଜାମ ଜିଲାପାଳ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ୧୮।୧୧।୨୦୨୪ରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲା ପରିଷଦ ସିଡ଼ିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହାର ଚିଠି ନଂ. ୩୯୧୨, ତା-୧୩।୨।୨୦୨୫)। ଏ ସମ୍ପର୍କରେ ଚାନ୍ଦପୁରର ତତକାଳୀନ ଜିଆରଏସ୍ ମନ୍ମଥ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ସରକାରଙ୍କ ନିୟମ ଅନୁଯାୟୀ ସେତେବେଳେ କାମ ହୋଇଛି। ଏପରି ଅଭିଯୋଗ ଭିତ୍ତିହୀନ, ଏହା ରାଜନୈତିକ ଆକ୍ରୋଶମୂଳକ ବୋଲି ସେ କହିଥିଲେ।

## ମା' ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

ବୁଗୁଡା, ୧୫।୨ (କାଳିଚରଣ ଦାଶ)

ବୁଗୁଡା ବ୍ଲକ ମାଣିତରା ଗ୍ରାମସ୍ଥିତ ମା' ସରସ୍ୱତୀ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଦିବାକର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନୁପ ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଡାକ୍ତର ଦୁର୍ଗା ପ୍ରସାଦ ବିଶ୍ୱାଳ, ଜୟଦେବ ରାଉତ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ବବୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢି ବିଦ୍ୟାଳୟର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ପୀତାମ୍ବର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସନକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ୬ ଶିଶୁଙ୍କୁ ଥଇଥାନ କଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି, ୧୫।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ପଞ୍ଚାୟତ ତିତିଲି ଗ୍ରାମରେ ଏକ ପରିବାରରେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ୬ଟି ପିଲାଙ୍କୁ ଛାଡିଦେଇ ଅନ୍ୟତ୍ର ବିବାହ କରିଥିଲେ। ଫଳରେ ଏହି ଶିଶୁମାନେ ବେସାହାରା ହୋଇପଡିଥିଲେ। ଏନେଇ ସରପଞ୍ଚ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲ୍ପଲାଇନର ସଦସ୍ୟମାନେ ତିତିଲି ଗ୍ରାମରେ ପହଞ୍ଚି ଶିଶୁମାନଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ପଦକ୍ଷେପ ନେଇଥିଲେ। ତେବେ ସେମାନେ ଗ୍ରାମରେ ପହଞ୍ଚିବା ଦିନ ଗ୍ରାମବାସୀ ଓ ଶିଶୁମାନଙ୍କ ସମ୍ପର୍କୀୟ କେହି ଜିଲା ପ୍ରଶାସନର କର୍ମଚାରୀଙ୍କୁ ସହଯୋଗ କରି ନ ଥିଲେ। ଶିଶୁମାନେ ଅବହେଳିତ ହୋଇ ରହୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପରେ ୱାର୍ଡମେମ୍ବରଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଜିଲା ଶିଶୁ ସୁରକ୍ଷା ୟୁନିଟରେ ପହଞ୍ଚି ୩ ଦିନ ମଧ୍ୟରେ ସମ୍ପୃକ୍ତ ଶିଶୁମାନଙ୍କୁ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୩ ଦିନ ବିତିଯାଇଥିଲେ ମଧ୍ୟ ଗ୍ରାମବାସୀ ପ୍ରତିଶ୍ରୁତି ପାଳନ କରି ନ ଥିଲେ। ସେ ସମୟରେ ଶିଶୁମାନଙ୍କୁ ସେମାନଙ୍କ ମା' ଦ୍ୱିତୀୟ ବିବାହ କରିଥିବା ସ୍ୱାମୀଙ୍କ ନିକଟକୁ କିଛି ଦିନ ପାଇଁ ନେଇ ଯାଇଥିଲେ। ତେବେ ସେ ପରେ ଶିଶୁମାନଙ୍କୁ ଆଣି ଗ୍ରାମରେ ଛାଡି ଦେଇଥିଲେ। ଏହା ଜାଣିବା ପରେ ପ୍ରଶାସନ ସେମାନଙ୍କୁ ନେଇ ଆସିବା ବ୍ୟବସ୍ଥା କରିଥିଲା। ଏବେ ସେହି ଶିଶୁମାନଙ୍କ ମଧ୍ୟରୁ ଜଣେ ଶିଶୁକନ୍ୟା ଆଦିବାସୀ ଆଶ୍ରମ ଆବସିକ ବିଦ୍ୟାଳୟରେ ରହି ପାଠ ପଢୁଥିବା ବେଳେ ଅନ୍ୟ ୫ ଜଣ ଶିଶୁ (ସମସ୍ତଙ୍କ ବୟସ ୧୦ ବର୍ଷରୁ କମ୍)ଙ୍କ ମଧ୍ୟରୁ ୨ ଝିଅ, ୩ଜଣ ପୁଅ ଅତି ଦୟନୀୟ ଅବସ୍ଥାରେ ପାଠ ନ ପଢି ଭୋକ ଉପବାସରେ ଦିନ କାଟୁଛନ୍ତି। ଗ୍ରାମର କିଛି ଭଦ୍ରବ୍ୟକ୍ତି ଓ ସରପଞ୍ଚଙ୍କ ସହ ଆଲୋଚନା କରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସମନ୍ୱିତ ଶିଶୁ ବିକାଶ ଯୋଜନାର କ୍ଷେତ୍ର ପରିଚାଳିକା ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଓ କର୍ମଚାରୀ ଶିଶୁମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସୁବିଧା ଅସୁବିଧା ବୁଝି ଗ୍ରାମବାସୀ ଓ ଅଭିଭାବକଙ୍କ ସହମତିରେ ଶିଶୁମାନଙ୍କୁ ଉଦ୍ଧାର କରି ଆଣିଥିଲେ। ପରେ ସେମାନଙ୍କୁ ଚାଇଲ୍ଡ ହେଲ୍ପ ଲାଇନ ପକ୍ଷରୁ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ସୁପାରିସରେ ଶିଶୁମାନଙ୍କୁ ପାରଳାଖେମୁଣ୍ଡିସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ବାଳାଶ୍ରମରେ ଥଇଥାନ କରାଯାଇଛି। ଜିଲା ପ୍ରଶାସନ ଶିଶୁଙ୍କ ପାଠପଢା, ଖାଇବା, ରହିବା ଆଦି ସମସ୍ତ ବ୍ୟବସ୍ଥା କରିଛି।

## କବିସୂର୍ଯ୍ୟ ବଳଦେବ କଲେଜର ବାର୍ଷିକୋତ୍ସବ



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରମାନେ।

କବିସୂର୍ଯ୍ୟନଗର, ୧୫।୨ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ପ୍ରତିଷ୍ଠିତ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ କେ.ପୁରୁଷୋତ୍ତମ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାରପ୍ରାପ୍ତ ତହସିଲଦାର ମନୋରଞ୍ଜନ ନାୟକ, ମୁଖ୍ୟବକ୍ତା ଅବସର ଅଧ୍ୟାପକ ପୀତବାସ ବିଶ୍ୱାଳ, ସଂମାନିତ ଅତିଥି ଆସିକା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ଅଧ୍ୟାପକ ପ୍ରଦୀପ ମହାପାତ୍ର ମଞ୍ଚାସୀନ ଥିଲେ। ଓଲିଉଡ଼ ଅଭିନେତ୍ରୀ ସୁଶ୍ରୀ ଭୂମିକା ଦାସ ଯୋଗ ଦେଇ ଛାତ୍ରୀଛାତଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ କେ.ପୁରୁଷୋତ୍ତମ କଲେଜର ମୁଖପତ୍ର ପାଠକରି କଲେଜର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। କଲେଜରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮ରୁ ୧୮୦୦କୁ ବୃଦ୍ଧି ପାଇଥିବା ସେ କହିଥିଲେ। ଶିକ୍ଷା ହେଉଛି ଶାରୀରିକ, ମାନସିକ, ଭୌତିକ, ଆଧ୍ୟାତ୍ମିକ, ଆତ୍ମିକ ଭାବର ଏକ ପରିଚୟ ବୋଲି ମୁଖ୍ୟବକ୍ତା କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା, ୧୫।୨ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକର କେନ୍ଦୁପଦରସ୍ଥିତ ନିର୍ମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉତ୍କର୍ଷ ୨୦୨୫ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଷ୍ଣୁଚରଣ ଜେନା ଓ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ପୂର୍ବତନ ସଭାପତି ଡ. ବାୟାମନୁ ଟର୍ଚ୍ଚି, ପୂର୍ବତନ ଅବର୍ତୈନିକ ବନ୍ୟପ୍ରାଣୀ ସଂରକ୍ଷକ ଶୂଳପାଣି ଶତପଥୀ ଓ ମହନ୍ତ ଚୈତନ୍ୟ ଚରଣ ମହାରାଜ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ର ଶୃଙ୍ଖଳିତ ମନୋଭାବ ସହ ଅଧ୍ୟୟନ କଲେ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସକ୍ଷମ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଯୁକ୍ତ୨ ସାଂସ୍କୃତିକ ସଂଗଠନର ଉପସଭାପତି ଅନୁପ ଷଡଙ୍ଗୀ, ସହାୟିକା ଯସ୍ମିନା ନାୟକ ଓ ନାଟ୍ୟ ସଂସଦର ଉପସଭାପତି ଅଜିତ ପଟ୍ଟନାୟକ ଓ ସହାୟକ ଅଜିତ ମୁଖୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶଙ୍ଖସାହିକୁ ନାହିଁ ଭଲ ରାସ୍ତା

ଫୁଲବାଣୀ, ୧୫।୨ (ରାକେଶ କୁମାର ରାଉତ)

ଫୁଲବାଣୀ ପୌର ପରିଷଦ ୧୧ ନଂ. ୱାର୍ଡ ଶଙ୍ଖସାହିକୁ ଏଯାଏ ଭଲ ରାସ୍ତାଟିଏ ନାହିଁ । ଫଳରେ ଏଠାରେ ରହୁଥିବା ୨୪ଟି ପରିବାର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲା ପରେ ମଧ୍ୟ ରାସ୍ତା ନିର୍ମାଣ ହୋଇନି। ରାସ୍ତା ନିର୍ମାଣ ନେଇ ପ୍ରଶାସନ ଖାଲି ମିଛ ପ୍ରତିଶ୍ରୁତି ଦେଉଛି। ଫଳରେ ରାସ୍ତା ନିର୍ମାଣ ଦାବିନେଇ ଶନିବାର ସାହିବାସିନ୍ଦା ଜିଲାପାଳଙ୍କୁ ଭେଟିଛନ୍ତି।

ଫୁଲବାଣୀ ସହରର ସାଲୁଙ୍କି ସାହି ପାଖରେ ରହିଛି ଶଙ୍ଖ ସାହି। ୨୦୦୮ରୁ ଏଠାରେ ୨୪ଟି ପରିବାର ବସବାସ କରି ଆସୁଛନ୍ତି। ପୌର ପରିଷଦ ପକ୍ଷରୁ ସାହିକୁ ବିଦ୍ୟୁତ୍, ମାଗଣା ଜଳ ବ୍ୟବସ୍ଥା ଆଦି ସୁବିଧା କରାଯାଇଛି । ମାତ୍ର ସର୍ବନିମ୍ନ ସୁବିଧା ଭଲ ରାସ୍ତାଟିଏ ଏଯାଏ ପୌର ପ୍ରଶାସନ କରିପାରିନାହିଁ। ୨୦୧୬-୧୭ରେ ଏହି ସାହିକୁ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ତେବେ ତତ୍କାଳୀନ ପୌରାଧ୍ୟକ୍ଷ ରାଜପଥକୁ ଲାଗିଥିବା ସାହିକୁ ନିୟମ ଅନୁସାରେ ରାସ୍ତା ହୋଇପାରିବ ନାହିଁ ବୋଲି କହିବାରୁ ରାସ୍ତା ନିର୍ମାଣ ହେଲାନାହିଁ । ଏବେ ରାଜପଥରେ ବାଇପାସ ରାସ୍ତା ହେବାକୁ ଜମି ଅଧିଗ୍ରହଣ ସରିଛି। ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ । ୨୪ ପରିବାରର ପାଇଁ ତୁରନ୍ତ ଭଲ ରାସ୍ତାଟିଏ ନିର୍ମାଣ କରିବାକୁ ସାହିର ସଞ୍ଜିତା ବେହେରା, କୁମୁଦିନୀ ବେହେରାଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସାହିବାସିନ୍ଦା।

## ୫୨ କେଜି ଗଞ୍ଜେଇ ଜବତ

ଖଜୁରିପଡ଼ା,(ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ ବିଜୁଳି ଗାଁରେ ଦୁଇ ଜଣ ବ୍ୟକ୍ତି ଗଞ୍ଜେଇ ଚୋରା ଚାଲାଣ କରିବା ପାଇଁ ଯୋଜନା କରୁଥିବା ବେଳେ ଖବର ପାଇ ଥାନା ଅଧିକାରୀ ଚାପ ଧାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଯୋଜନା ଭଣ୍ଡୁର କରିଛି। ଏହା ସସ ୫୨ କେଜି ପାଞ୍ଚ ସହ ଗ୍ରାମ ଗଞ୍ଜେଇ ଜବତ କରିଛି । ଏ ନେଇ ଥାନାରେ ୩୨/୨୫ରେ ମାମଲା ରୁଜୁ କରି ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ଜଳନ୍ଧର ମଲ୍ଲିକ ଏବଂ ଭୀଷ୍ମ ଚରଣ କହଁର ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଚିକିଟି ମହାବିଦ୍ୟାଳୟରେ ବାର୍ଷିକୋତ୍ସବ

ଚିକିଟି,୧୫।୨(ପ୍ରକାଶ ଚନ୍ଦ୍ର ସାହୁ)

ପଟିକିଟି ଗଡ଼ ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ବିଜ୍ଞାନ ସମାଜର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ସାଇନ୍‌ସେସ୍‌ର ପ୍ରଫେସର ଡ.ଏମ ଲାଛନା ଦୋରା ଯୋଗଦେଇ ଆଜିର ଯୁଗ ବିଜ୍ଞାନର ଯୁଗ, ବିଜ୍ଞାନ ବିନା ଗୋଟିଏ ବି ମୁହୂର୍ତ୍ତ ମାନବ ସମାଜ ତିଷ୍ଠିବା କଷ୍ଟକର, ତେଣୁ ଶିକ୍ଷୟିତ୍ରୀ ମାନଙ୍କ ଠାରେ ବୈଜ୍ଞାନିକ ମନୋଭାବର ଆବଶ୍ୟକତା ରହିଛି। ଏଣୁ ନିଶ୍ଚିତ ଭାବେ ପାଠ୍ୟକ୍ରମରେ ଏହାର ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡା.ସନ୍ତୋଷ ବକ୍ସି, ସୁନୀଲ ପାଢ଼ୀ, ଲକ୍ଷ୍ମଣ ବେହେରା, ରାକେଶ ରୋଶନ ମଣ୍ଡଳ ଓ ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଯୋଗଦେଇ ଥିଲେ। ବିଜ୍ଞାନ ସମାଜର ଉପସଭାପତି ଅଧ୍ୟାପକ ସୁନୀଲ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଲକ୍ଷ୍ମଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ରାମ ଶଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ତାଲାବନ୍ଦ ଘରୁ ୯ଲକ୍ଷ ଟଙ୍କାର ଗହଣା ଚୋରି

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ):

ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦ ବିହାର ୭ମ ଲାଇନ୍‌ରେ ଜଣେ ଗୃହକର୍ତ୍ତା ଓ ଭଡାଟିଆଙ୍କ ଘରୁ ୯ଲକ୍ଷ ଟଙ୍କାର ଗହଣା ଏବଂ ଟଙ୍କା ଲୁଟେରା ଗ୍ୟାଙ୍ଗ ନେଇଯାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗୋବିନ୍ଦ ବିହାରରେ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ଦୁଇ ମହଲା ଘର ଅଛି। ତଳ ମହଲାରେ ମାଲିକ ରହୁଥିବା ବେଳେ ଉପର ମହଲାରେ ଡି. ଭାସ୍କର ରାଓ ଭଡ଼ାରେ ରୁହନ୍ତି। ଦୁଇ ପରିବାର ଘରେ ତାଲା ପକାଇ କିଛିଦିନ ତଳେ କୁମ୍ଭମେଳା ଯାଇଥିଲେ। ୧୪ ତାରିଖ ସକାଳେ ଘର ତାଲା ଭଙ୍ଗାଯାଇଥିବା ସାହିର କିଛି ଲୋକ ଦେଖି ଶଙ୍କର୍ଷଣଙ୍କୁ ଫୋନ କରି ଜଣାଇଥିଲେ। ଶଙ୍କର୍ଷଣ ଭାବନ୍ଦରେ ରହୁଥିବା ତାଙ୍କ ଭଣଜା ସନ୍ତୋଷ ପଣିଗ୍ରାହୀଙ୍କୁ ଘରକୁ ଯାଇ ଦେଖିବାକୁ କହିଥିଲେ। ସ୍ଥିତି ଦେଖି ସେ ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଘର ଭିତରକୁ ଯାଇ ଦେଖିବାରେ କେହି ଦୁର୍ବୃତ୍ତ ଆଲମିରା ଭାଙ୍ଗି ୨ଟି ସୁନା ଚେନ, ୨ଟି ରାଣୀହାର, ୧୦ ହଜାର ଟଙ୍କା ସହ ଅନ୍ୟ କେତେକ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଜଣାପଡିଥିଲା। ସେହିପରି ଉପର ମହଲାରେ ରହୁଥିବା ଭାସ୍କରଙ୍କ ଘରୁ ମଧ୍ୟ ୨ଟି ସୁନା ମୁଦି, ୭ହଜାର ଟଙ୍କା ନେଇ ଯାଇଥିବା ଜଣାପଡିଥିଲା। ଏ ନେଇ ସନ୍ତୋଷଙ୍କ ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି। ଅଞ୍ଚଳର ସିସିଟିଭି ଫୁଟେଜ ଆଧାରରେ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

### ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ବେଲଗୁଣ୍ଠା,୧୫।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍‌ର ସମସ୍ତ ଚବିଶିଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଶନିବାର ୧୪ତମ ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ବୋରୀ ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ସାହୁ ପରିଚାଳନା କରିଥିଲେ। ବୈଠକରେ ଗତ ବୈଠକର ବିବରଣୀ ପାଠ କରାଯାଇଥିଲା। ବୈଠକରେ ଅପାର ଆଇଡି ପଞ୍ଜୀକରଣ, ଉତ୍କର୍ଷ କାର୍ଯ୍ୟକ୍ରମ, ଖାନ୍ ଏକାଡ଼େମୀ, ଆକାଙ୍କ୍ଷୀ ପାଠ୍ୟକ୍ରମ, ପଞ୍ଚ ସଖା ଶିକ୍ଷା ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବିଦ୍ୟାଳୟ ବାହାରେ ଥିବା ଛାତ୍ରୀଛାତ୍ରଙ୍କ ନାମ ଲେଖା ସମ୍ପର୍କରେ ଆଲୋଚନା କରାଯିବା ସହିତ ବିଦ୍ୟାଳୟର ପରିଦର୍ଶନ କରାଯାଇଥିଲା। ଏହା ସହିତ ଆଗାମୀ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଗଞ୍ଜାମ ମାଟିର ଭଞ୍ଜ ସାହିତ୍ୟ ଉଚ୍ଚକୋଟୀର

ବ୍ରହ୍ମପୁର,୧୫।୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ହୋଟେଲ ହିଲଭିଉ ସମ୍ମିଳନୀ କକ୍ଷରେ ୧୧ତମ ବ୍ରହ୍ମପୁର ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବିବିପ୍ର ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କବି ଡ. ଫନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମ ମାଟି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭଳି ପ୍ରତିଭାଙ୍କୁ ଜନ୍ମ ଦେଇ ଆଜି ଗର୍ବିତ ବୋଲି କହିଥିଲେ। ଏହି ମାଟିରେ ଭଞ୍ଜଙ୍କ ଠାରୁ ଆରମ୍ଭ କରି ଅନେକ ବିଶିଷ୍ଟ କବି ଜନ୍ମ ନେଇଛନ୍ତି। କିନ୍ତୁ ସେମାନେ ଯେତେ ସାହିତ୍ୟ ସୃଷ୍ଟି କରିଛନ୍ତି, ସେଥିମଧ୍ୟରୁ ଭଞ୍ଜ ସାହିତ୍ୟର ସ୍ୱତନ୍ତ୍ରତା ରହିଛି। ସାହିତ୍ୟ କ୍ଷେତ୍ରରେ ସବୁଠାରୁ ଉତ୍କୃଷ୍ଟ ବିଭବ ହେଲା କାବ୍ୟ ଓ କବିତା। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର କବିମାନେ ଆଞ୍ଚଳିକ ଭାଷାକୁ ନେଇ କାବ୍ୟ କବିତାକୁ ନେଇ ବଟବୃକ୍ଷ ସୃଷ୍ଟି କରିଛନ୍ତି, କିନ୍ତୁ ଅସଲ ଭାଷାର ଉତ୍ପତ୍ତି ଗଞ୍ଜାମ ମାଟିରୁ । ତେଣୁ ଏ ମାଟିର ସ୍ରଷ୍ଟାଙ୍କ ଭାଷା ସର୍ବଦୌ ବଞ୍ଚିରହିବ। ଏଭଳି ସାହିତ୍ୟ ଉତ୍ସବ ବିଭିନ୍ନ ଅଞ୍ଚଳରେ ଆୟୋଜନ କରାଗଲେ ସାହିତ୍ୟ, କାବ୍ୟ କବିତା ସମୃଦ୍ଧ ହୋଇପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ କବୟିତ୍ରୀ ତଥା ସୁଲେଖିକା ପ୍ରବାସିନୀ ମହାକୁଡ଼ ଯୋଗଦେଇ କହିଥିଲେ ଯେ,କବିତା ହୃଦୟରୁ ଜନ୍ମ ନିଏ । ସୃଷ୍ଟିର ସମସ୍ତ ଜିନିଷ କବି ଆଖିରେ ସୁନ୍ଦର। ତେଣୁ କବି ସବୁବେଳେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିବା ଉଚିତ। ଯାହାକି ଜନମାନସକୁ ଆଦୃତ କରିବ। ଉଦାରତା, ମଣିଷପଣିଆ ନ ଥିଲେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ । ତେଣୁ ଏଥିପ୍ରତି କବି ସବୁବେଳେ ସଚେତନ ହେବା ଉଚିତ। ସର୍ବଦା ଅଧିକ ବହି ପଢ଼ିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାରସ୍ୱତ ସାଧକ ତଥା ବ୍ରହ୍ମପୁର ସାହିତ୍ୟ ପରିଷଦର ଉପଦେଷ୍ଟା ଇ. ଯାମିନୀ କାନ୍ତ ଦାସ କହିଲେ କବି ସବୁବେଳେ ଅର୍ନ୍ତବୋଧ ଓ ବିଜ୍ଞାନ ମଧ୍ୟରେ ଥାଏ। ତାକୁ ନେଇ ଯଦି ସେ କବିତା ଲେଖେ ତାହା କାଳଜୟୀ ହୋଇଥାଏ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ତଥା ଔପନ୍ୟାସିକ ଡା. ସରୋଜ କୁମାର ମିଶ୍ର ଯୋଗ ଦେଇ ନିଜକୁ ଆକସ୍ମିକ କବି ଭାବେ ବର୍ଣ୍ଣନା କରି କହିଲେ, ଜୀବନରେ ଦେଖିଥିବା ଘଟଣାକୁ ନେଇ ତାଙ୍କର ମିଶନ ମୁନର ସୃଷ୍ଟି । ସାହିତ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଜଣେ କବିର ଧର୍ମ ହେବା ଉଚିତ। ଜଣେ କବି ସାହିତ୍ୟ ସୃଷ୍ଟି କରିବା ପରେ ଶ୍ରେଷ୍ଠ ବିବେଚନା କରିବା ପାଠକଙ୍କ ଭୂମିକା ରହିଛି। ଆଧୁନିକ ସମାଜରେ କବି ମାନେ ତାହାକୁ ଚାଲେଞ୍ଜ ଭାବେ ଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ଉପନ୍ୟାସ ମିସନ ମୁନ ,କବି ଗୌର ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାରଫତ ଈଶ୍ୱର ,କବି ବୃନ୍ଦାବନ ବାଡତ୍ୟଙ୍କ ସ୍ମୃତି ଶାମୁକା ଉନ୍ମୋଚିତ ହୋଇଥିଲା । କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଏକ ସ୍ୱତନ୍ତ୍ର ନିମନ୍ତ୍ରିତ କବିଙ୍କ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ସଂଯୋଜିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟଙ୍କ ସଂଯୋଜନାରେରେ କବି ଉମାକାନ୍ତ ରାଉତ , ସୁରେନ୍ଦ୍ର ପାଣିଗ୍ରାହୀ, ଶ୍ୟାମା ପ୍ରସାଦ ମିଶ୍ର ,ପାରମିତା ଷଡଙ୍ଗୀ, ଭଗବାନ ପଣ୍ଡା ଭଗତ, ଗିତାଶ୍ରୀ ପ୍ରିୟମ୍ବଦା, ସୁରଞ୍ଜନ ପାତ୍ର , ଗିରିଜା ଶଙ୍କର ଦାଶ, ସରୋଜ କୁମାର ସାହୁ ପ୍ରମୁଖ କବିତା ପାଠ କରିଥିଲେ । ଏଥିସହ କବି ସରୋଜ କୁମାର ସାହୁଙ୍କ ପ୍ରଶିକ୍ଷଣରେ ତରୁଣ କବିଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନବରସ, ନବପ୍ରତିଭା, ନବ ଉନ୍ମେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କବି ଶିବାନନ୍ଦ ବାରିକ ଉପସ୍ଥାପନ କରିଥିବା ବେଳେ ଦୀପ୍ତିମିତା ମହାପାତ୍ର, ନିଗମାନନ୍ଦ ତ୍ରିପାଠୀ,ସତ୍ୟମ ଆଚରି ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।



ଅତିଥିମାନେ ଉପନ୍ୟାସ 'ମିଶନ ମୁନ୍' ଉନ୍ମୋଚନ କରୁଛନ୍ତି।

## ବ୍ରହ୍ମପୁର ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

# ସଂଘବଦ୍ଧ ଆକ୍ରମଣ ଘଟଣା, ୨ ଗିରଫ

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ):

ସଦର ଥାନା ଅନ୍ତର୍ଗତ ମସିଆଖାଲି ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ ମାମଲାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରତାପକୃଷ୍ଣଚନ୍ଦ୍ରପୁର ଆର. ଅରୂପ(୨୧) ଓ କେ. ମୁନା(୨୦)। ମାମଲା ନଂ ୮୪/୨୫ରେ ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗତ ୨ ତାରିଖରେ ମସିହାଖାଲି ଗ୍ରାମର ଲିଲି ଦାସ ଦୋକାନକୁ ଯାଇଥିବା ବେଳେ ତାଙ୍କର ୩ ଭାଇ ଲୁଲୁ ଦାସ, ଚିଣ୍ଟୁ ଦାସ ଓ ଲକ୍ଷ୍ମୀ ଦାସ ନିଜ ସାହିର କମ୍ୟୁନିଟି ହଲଠାରେ ବସି କଥାବାର୍ତ୍ତା କରୁଥିଲେ । ଏହି ସମୟରେ ଅଭିଯୁକ୍ତ ଅରୁପ ଓ ମୁନାଙ୍କ ସମେତ ୧୦ରୁ ଅଧିକ ଯୁବକ ସେଠାରେ ପହଞ୍ଚି ଲିଲିଙ୍କ ଭାଇଙ୍କୁ କମ୍ୟୁନିଟି ହଲ ଛାଡି ଚାଲିଯିବାକୁ କହିଥିଲେ। ସେମାନେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡା, କାତି ଓ ପ୍ଲାଷ୍ଟିକ ପାଇପରେ ଆକ୍ରମଣ କରିଥିଲେ। ଲିଲି ଅଭିଯୁକ୍ତଙ୍କୁ ନେହୁରା ହେବା ପରେ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଗୋଡାଇଥିଲେ । ଏହି ଆକ୍ରମଣରେ ଚିଣ୍ଟୁ ଓ ଲକ୍ଷ୍ମୀ ଗୁରୁତର ଆହତ ହେବାରୁ ତାଙ୍କୁ କୁକୁଡାଖଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏପରିକି ଅଭିଯୁକ୍ତମାନେ ତା' ପରଦିନ ସକାଳୁ ଲିଲିଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିବା ସହ ପୋଲିସରେ ଅଭିଯୋଗ ନ କରିବାକୁ ଧମକ ଦେଇଥିଲେ । ଘଟଣାକୁ ନେଇ ଲିଲି ସଦର ଥାନାରେ ଅଭିଯୋଗ କରିଥିଲେ।

## ଆଦିବାସୀ ମହାବିଦ୍ୟାଳୟରେ ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର

# 'ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିଟି ସୃଷ୍ଟିର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି'


ଆଲୋଚନାଚକ୍ରରେ ଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ।

ବାଲିଗୁଡା,୧୫।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ଆଦିବାସୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି ମୁଖ୍ୟଅତିଥି, ମାଲକାନଗିରି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମଧୁସୂଦନ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଭଞ୍ଜ ସାହିତ୍ୟର ତୁଳନାତ୍ମକ ଆଲୋଚନା କରିଥିଲେ। ଡ. ସୁଶାନ୍ତ ଦାସ, ଆଇକ୍ୟୁଏସି ସଂଯୋଜକ ହିମାଂଶୁ ଚରଣ ସାହୁ, ଅଧ୍ୟାପକ ନୀଳାଚଳ ମହାରଣା, ବିଭାଗୀୟ ଅଧ୍ୟାପକ ରୂପେଶ ତ୍ରିପାଠୀ, ଅଧ୍ୟାପିକା ସ୍ନେହଲତା ମାଝୀ ଯୋଗଦେଇ ଭଞ୍ଜଙ୍କ କାବ୍ୟ, କବିତା ତଥା ତାଙ୍କ ସୃଷ୍ଟିର ପ୍ରତିଟି ରଚନାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି ବୋଲି ମତ ରଖିଥିଲେ। ଓଡ଼ିଆ ବିଭାଗ ସମେତ ରାଜନୀତି ବିଜ୍ଞାନ, ଇଂଲିଶ ଏବଂ ଇତିହାସ ବିଭାଗର ଛାତ୍ରୀଛାତ୍ରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# କେସି ହାଇସ୍କୁଲରେ ନୂତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୫।୨(ସ୍ମୃତି ରଞ୍ଜନ ମହାଲିକ):

ବ୍ରହ୍ମପୁର ସହରର ୩ କେସି ହାଇସ୍କୁଲରେ ନିଯୁକ୍ତ ହୋଇଥିବା ନୂତନ ଶିକ୍ଷୟତ୍ରୀଶିକ୍ଷକମାନଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଆ ଭାଷା ଆନ୍ଦୋଳନ ଓ ସଂସ୍କାରବାଦୀ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ତ୍ରିନାଥ ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶାଙ୍କ କୁମାର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ହିମାଂଶୁ କୁମାର ପଟ୍ଟନାୟକ, ସୀମାଞ୍ଚଳ ପତି ଓ ପଙ୍କଜ କୁମାର ନାୟକ ଯୋଗ ଦେଇଥିଲେ। ଶିକ୍ଷାଦାନରେ ସଫଳତା ଆଣିବାକୁ ପ୍ରୟାସ ଜାରି ରଖିବାକୁ ପଡିବ ବୋଲି ଅତିଥିମାନେ କହିଥିଲେ। କେସି ହାଇସ୍କୁଲ, କେସି ଟାଉନ ଓ କେସି ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଓ ଶିକ୍ଷକ ନିଯୁକ୍ତି ପାଇଁ ଦୀର୍ଘ ୨୦ ବର୍ଷ ଧରି ଆନ୍ଦୋଳନ କରି ଆସୁଥିବା ସଭାପତି ମହାରଣା କହିଥିଲେ। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଶିକ୍ଷକ ନିଯୁକ୍ତି କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱାଗତ ସମ୍ବର୍ଦ୍ଧନାରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

### ମହିଳାଙ୍କ ସୁନା ଚେନ୍ ଝାମ୍ପି ନେଲେ

ଗୋପାଳପୁର,୧୫।୨(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ହଳଦିଆ ପଦର ଓଭରବ୍ରିଜ ଉପରେ ଜଣେ ମହିଳାଙ୍କ ସୁନା ହାର ଓ ମଙ୍ଗଳସୂତ୍ର ଲୁଟ ହୋଇଥିବା ଥାନାରେ ଅଭିଯୋଗ କରାଯାଇଛି। କେ.ସୁବାଣୀ ଗ୍ରାମର ସ୍ୱାମୀ କେ.ଆପନ୍ନା ପାତ୍ର ଓ ତାଙ୍କ ସ୍ତ୍ରୀ କେ.ସଙ୍ଗୀତା ପାତ୍ର ଏକ ଏକ୍ସିଲ ଗାଡ଼ିରେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରୁ ଘରକୁ ଫେରୁଥିଲେ। ଶନିବାର ଅପରାହ୍ନରେ ପଛରୁ ହଠାତ ମୋଟରସାଇକେଲରେ ୨ଯୁବକ ସେମାନଙ୍କ ଗାଡ଼ି ନିକଟକୁ ଆସି ଇଚ୍ଛାପୁର ଯିବାକୁ ରାସ୍ତା ପଚାରିଥିଲେ। ଆପନ୍ନା ରାସ୍ତା କହୁଥିବା ବେଳେ ବାଇକ୍ ପଛରେ ବସିଥିବା ଯୁବକ ତାଙ୍କ ବେକରୁ ୧୮ଗ୍ରାମ ଓଜନର ସୁନା ହାର ସହ ୫ଗ୍ରାମ ଓଜନର ମଙ୍ଗଳସୂତ୍ର ସହ ଏକ ଲକେଟକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ।

### ଘରେ ନିଆଁ ଲଗାଇଲେ ମାନସିକ ବିକାରଗ୍ରସ୍ତ ମହିଳା

ବାଲିଗୁଡ଼ା,୧୫।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଟାଉନ ସୁନାପାଙ୍ଗାରେ ଶନିବାର ସନ୍ଧ୍ୟାରେ ଜୈନକ ମାନସିକ ବିକୃତ ମହିଳା ନିଜ ଘରେ ନିଜେ ନିଆଁ ଲଗାଇଥିବାରୁ ବହୁ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ସୁନାପାଙ୍ଗା ବାସିନ୍ଦା ବାସନ୍ତୀ ଶତପଥିଙ୍କ ସ୍ୱାମୀ ଓ ପୁଅର ମୃତ୍ୟୁ ପରେ ସେ ମାନସିକ ଦୁଶ୍ଚିନ୍ତାରେ ଏକାକୀ ରହି ନିଜର ମାନସିକ ସ୍ଥିତି ହରାଇଥିଲେ। ଏପରି ସ୍ଥିତିରେ ଶନିବାର ସନ୍ଧ୍ୟାରେ ମାନସିକ ସ୍ଥିତି ଅଧିକ ହେବାରୁ ସେ ନିଜ ଘରେ ନିଜେ ନିଆଁ ଲଗାଇ ଘରର ଦାଣ୍ଡ ପଟୁ ତାଲା କେଉଁ ଆଡ଼େ ପକାଇଥିଲେ।

# ଘର ବିକ୍ରି ଆଳରେ ୧୨ ଲକ୍ଷ ଚଳୁ

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ):

ଘର ବିକ୍ରି ଆଳରେ ଜଣେ ବ୍ୟକ୍ତିଙ୍କ ୧୨ ଲକ୍ଷ ଟଙ୍କା ଚଳୁ କରାଯାଇଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୮୧/୨୫ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଘଟଣାରୁ ପ୍ରକାଶ ଯେ, ନୂଆବସସ୍ଟାଣ୍ଡ ନିକଟ ସାଇଣ୍ଟିଫିକ ନଗରରେ ରହୁଥିବା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ତାଙ୍କ ଭଉଣୀ ଭାଗ୍ୟଲତା ସାହୁ ଏକାଠି ଏକ ଘର କିଣିବାକୁ ଯୋଜନା କରିଥିଲେ। ସେହିକ୍ରମରେ ଜଗଦଲପୁର ସୂର୍ଯ୍ୟନଗରଠାରେ ରହୁଥିବା ବଡ଼ଗଡ ସିଦ୍ଧପୁର ଗ୍ରାମର ଶୁଭ୍ରାଂଶୁବଳା ପଟ୍ଟନାୟକ ଓ ତାଙ୍କ ସ୍ୱାମୀ ଧରକନ୍ଧ ପଟ୍ଟନାୟକଙ୍କ ଜଗଦଳପୁରସ୍ଥିତ ଘରକୁ କିଣିବେ ବୋଲି ଯୋଜନା ହୋଇଥିଲା। ଏ ନେଇ ଉଭୟ ପକ୍ଷ ମଧ୍ୟରେ କଥାବାର୍ତ୍ତା ପରେ ଜଗଲପୁରଠାରେ ଶୁଭ୍ରାଂଶୁବାଳା ଓ ତାଙ୍କ ପରିବାର ନାମରେ ୫୫ ଡେସିମିଲି ଜାଗାରେ ଥିବା ଘରକୁ ୮୦ ଲକ୍ଷ ଟଙ୍କାରେ କିଣିବେ ବୋଲି ସ୍ଥିର ହୋଇଥିଲା । ଉଭୟ ପକ୍ଷ ବ୍ରହ୍ମପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଯାଇ ଚୁକ୍ତି କରିଥିଲେ । ଏହା ପୂର୍ବରୁ ଶୁଭ୍ରାଂଶୁବାଳାଙ୍କ ପରିବାର ଲୋକେ ଘର ବିକ୍ରି କରିବା ବାବଦକୁ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭଉଣୀଙ୍କଠାରୁ ଅଗ୍ରୀମ ୧୨ ଲକ୍ଷ ଟଙ୍କା ନେଇଥିଲେ । ୧୧ ମାସ ମଧ୍ୟରେ ଘର ପଞ୍ଜିକରଣ କରି ବଳକା ଟଙ୍କା ନେଣଦେଣ ପାଇଁ ଚୁକ୍ତିନାମାରେ ଉଲ୍ଲେଖ ରହିଥିଲା। ହେଲେ ଏହା ଭିତରେ ୧ ବର୍ଷରୁ ଉର୍ଦ୍ଧ୍ୱ ବିତି ସାରିଥିଲେ ମଧ୍ୟ ପୂର୍ଣ୍ଣଚନ୍ଦ୍ରଙ୍କ ନାଁରେ ଉକ୍ତ ଘର ପଞ୍ଜିକରଣ କରିନଥିଲେ। ସେହି ଘରର ଋଣ ରହିଥିବାରୁ ତାହା ପଞ୍ଜିକରଣ ହୋଇପାରିବ ନାହିଁ, ଅଗ୍ରୀମ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦିନ ପରେ ଦିନ ଗଡି ଚାଲିଥିଲେ ମଧ୍ୟ ଟଙ୍କା ନ ଦେଇ ବିଭିନ୍ନ ଧମକ ଦେଇଥିଲେ ବୋଲି ପୂର୍ଣ୍ଣଚନ୍ଦ୍ର ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।

# ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ୍, ଜଣେ ଗିରଫ

ହିଞ୍ଜିଳିକାଟୁ, ୧୫।୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ତଥା ଆଡପଡା ଫାଣ୍ଡି ବାଲିଆ ଗ୍ରାମର ଜଣେ ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟିବା ସହ ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲିଆ ଗ୍ରାମର ବିକ୍ରମ ପାତ୍ର। ନଂ. ୧୧୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ଶୁକ୍ରବାର ରାତି ୧୦ଟାରେ ବାଲିଆ ଗ୍ରାମର ହେମଲତା ପ୍ରଧାନ ସେହି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରୁ ଭୋଜିଖାଇ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ସେହି ଗ୍ରାମର ବିକ୍ରମ ହେମଲତାଙ୍କୁ ଅଟକାଇ ତାଙ୍କ ସୁନା କାନଫୁଲ ଓ ମୁଦି ଛଡାଇ ନେବା ସହ ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ହେମଲତା ଏନେଇ ସ୍ୱାମୀ ବଲ୍ଲଭ ପ୍ରଧାନଙ୍କୁ ଜଣାଇଥିଲେ। ବଲ୍ଲଭ ଘଟଣା ନେଇ ବିକ୍ରମଙ୍କୁ ପଚାରିବାରୁ ସେ ତାଙ୍କର ସହଯୋଗୀ ପୀତବାସ ପାତ୍ର ଓ ଧ୍ରୁବ ପାତ୍ରଙ୍କ ସହ ମିଶି ବଲ୍ଲଭଙ୍କୁ ମାଡ ମାରିଥିଲେ। ତାଙ୍କୁ ପଡୋଶୀ ଉଦ୍ଧାର କରି ଚିକିତ୍ସା ପାଇଁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅନ୍ୟପକ୍ଷରେ ଗଣ୍ଡଗୋଳ ସମୟରେ ସେହି ଗ୍ରାମର ସାଧୁଜୀ ପ୍ରଧାନ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ବିକ୍ରମ ଓ ତାଙ୍କ ୨ ସହଯୋଗୀ ମାଡ଼ ମାରିଥିବା ନେଇ ଅନ୍ୟ ଏକ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ନଂ. ୧୧୩/୨୫ରେ ଏକ ମାମଲା ରୁଜୁ ହୋଇଛି। ବିକ୍ରମ ଗିରଫ ହୋଇ ବେଳେ ତାଙ୍କର ୨ ସହଯୋଗୀ ଫେରାର ଅଛନ୍ତି।

# ସାନଖେମୁଣ୍ଡିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ପାଟପୁର,୧୫।୨(ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଶନିବାର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ ସମୂହର ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଛି। ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଜନପ୍ରତିନିଧି, ବ୍ଲକ୍‌ସ୍ତରୀୟ ମନରେଗା କାର୍ଯ୍ୟ ସଂଶ୍ଳିଷ୍ଟ ଅଧିକାରୀ କର୍ମଚାରୀଙ୍କ ସହ ସାମାଜିକ ବନୀକରଣ, ଉଦ୍ୟାନ ବିଭାଗର ସୁରଭି ଗଡ଼ନାୟକ ଏବଂ ଜଳବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଇପ୍ସିତା ମିଶ୍ର ସମୂହଙ୍କ ଯୋଗଦାନ ଏବଂ ବିଡ଼ିଓ ଜିତେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମୀକ୍ଷା ଶିବିରରେ ବ୍ଲକ୍ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ପୌରହିତ୍ୟ କରିଥିବା ବେଳେ ଉପାଧ୍ୟକ୍ଷା ରିଙ୍କି ନାୟକ ଉପସ୍ଥିତ ରହିଥିଲେ। ଏହାସହ କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ସାମାଜିକ ସମୀକ୍ଷା ଅଧିକାରୀ ରବୀନ୍ଦ୍ର ମଲାଣଙ୍କ ସହ ଗଞ୍ଜାମ ଜିଲା ପରିଷଦ ପକ୍ଷରୁ ଅତିରିକ୍ତ ନିର୍ବାହୀ ଅଧିକାରୀ ପାର୍ଥ ସାରଥୀ ହାଁସଦା ମଞ୍ଚାସୀନ ରହି ବ୍ଲକ୍ ଅନ୍ତର୍ଗତରେ କରାଯାଇଥିବା ମନରେଗା କାର୍ଯ୍ୟର ପ୍ରଗତି ଓ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଶିବିରରେ ଜିଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ପ୍ରତିନିଧି ଶଙ୍କର୍ଷଣ ସ୍ୱାଇଁ, ଗୌତମୀ ସମିତି ସଭ୍ୟ ଦନାର୍ଦ୍ଧନ ପଲାଇ, ସିଙ୍ଗପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ମହାପାତ୍ର, କଙ୍କୋରଦା ସରପଞ୍ଚ ପ୍ରତିନିଧି ମିଥୁନ ସେଠି, ଆମ୍ବଗାଁ ସରପଞ୍ଚ ପ୍ରତିନିଧି ଦେବରାଜ ସେଠି ପ୍ରମୁଖ ଶିବିରରେ ନିଜ ପଞ୍ଚାୟତରେ କରାଯାଉଥିବା ମନରେଗା କାର୍ଯ୍ୟ ବିଶେଷର ପରିଚାଳନା ନେଇ କ୍ଷୋଭ ପ୍ରକାଶ ସହ ହଟ୍ଟଗୋଳ କରିଥିଲେ।

# ରାସ୍ତା ଜବରଦଖଲକୁ ନେଇ ଏନ୍‌ଏଚ୍ ଅବରୋଧ

ଧରାକୋଟ,୧୫।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ନିକଟସ୍ଥ ଦଶମାଇଲି ଛକରେ ରାସ୍ତା ଜବରଦଖଲ ଓ ଟ୍ରାଫିକ ସମସ୍ୟାକୁ ନେଇ ଆନ୍ଦୋଳନ ହୋଇଛି। ସ୍ଥାନୀୟ ଲୋକଙ୍କ ସହ ମିଶି ବଣିକ ସଂଘ ସଦସ୍ୟମାନେ ଶନିବାର ମଧ୍ୟାହ୍ନରେ ୫୯ ନଂ. ଜାତୀୟ ରାଜପଥ(ଏନ୍‌ଏଚ୍)କୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ କରିବା ସହ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଛି। ପ୍ରକାଶ ଯେ, ଉକ୍ତ ଛକ ରାସ୍ତା ଉପରେ ବ୍ୟବସାୟୀମାନେ ନିଜ ନିଜର ସାମଗ୍ରୀ ରଖି ବିକ୍ରି କରଛନ୍ତି। ସେହିପରି ବେଧଡକ ବାଲି ଗାଡି ଚଳାଚଳ ଯୋଗୁ ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାହାଫଳରେ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ପୋଲିସ ତରଫରୁ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଥିବା ବେଳେ ଲୋକେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ଦାବି ନେଇ ରାସ୍ତା ଅବରୋଧ କରିଥିଲେ। ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଦୋକାନୀ ମାନେ ରାସ୍ତା ଉପରକୁ ନ ଆସିବା ଓ ଦିନରେ ବାଲି ଗାଡି ଚଳା ଚଳ ବନ୍ଦ ରଖାଯିବା ନେଇ ସହମତି ହେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ପୁଣି ସମସ୍ୟା ସୃଷ୍ଟି ହେଲେ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସ୍ଥାୟୀ ସମାଧାନ କରାଯିବ ବୋଲି ଥାନା ଅଧିକାରୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୬ ଫେବୃଆରୀ, ୨୦୨୫ Bhubaneswar, Sunday, 16 February, 2025

# ବିଜୟ ସହ ଭାରତୀୟ ମହିଳା ଦଳର ଅଭିଯାନ


ଇଂଲଣ୍ଡ ବିପକ୍ଷ ମହିଳା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ ଗୋଲ୍ ସ୍କୋର କରିବାକୁ ଉଦ୍ୟମ କରୁଛନ୍ତି ଜଣେ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)

ଭୁବନେଶ୍ୱରକୁ ଫେରିଛି ହକି ଆକ୍ସନ। ଶନିବାରଠାରୁ ଏଠାରେ ଆରମ୍ଭ ହୋଇଛି ଏଫ୍‌ଆଇଏଚ୍ ପ୍ରୋ ଲିଗ୍। ଉଭୟ ମହିଳା ଓ ପୁରୁଷ ବିଭାଗରେ ହେଉଛି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ପ୍ରଥମ ଦିବସରେ ମହିଳା ବିଭାଗରେ ୨ଟି ଓ ପୁରୁଷ ବିଭାଗରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତ ପ୍ରୋ ଲିଗ୍ ୨୦୨୪-୨୫ ସିଜନ ଏହି କଳିଙ୍ଗ ଷ୍ଟାଡିୟମରୁ ହିଁ ଆରମ୍ଭ କରିଛି। ଏଫ୍‌ଆଇଏଚ୍‌ର ନିୟମ ଅନୁସାରେ ପ୍ରୋ ଲିଗ୍‌ର ବିଜେତା ସିଧାସଳଖ ୨୦୨୬ ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଘରୋଇ ପରିବେଶରେ ଏଠାରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ଭାରତୀୟ ମହିଳା ଓ ପୁରୁଷ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଘରୋଇ ଦର୍ଶକଙ୍କ ସମର୍ଥନରେ ଭାରତୀୟ ମହିଳା ଦଳ ଏଠାରେ ଆରମ୍ଭରୁ ଉତ୍ସାହ ପ୍ରଦର୍ଶନ କରିଛି। ପ୍ରଥମ ମ୍ୟାଚରେ ଇଂଲଣ୍ଡକୁ ୩-୨ ଗୋଲରେ ହରାଇ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି ଭାରତୀୟ ମହିଳା। ଫଳରେ ଭାରତ ଏହି ମ୍ୟାଚରୁ ପୂରା ୩ ପଏଣ୍ଟ ହାସଲ କରିଛି। ମ୍ୟାଚର ୬ଷ୍ଠ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଭିଥାଲ ବୈଷ୍ଣବୀ ଫାଲ୍‌କେ ଏହାକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୬ ମିନିଟ ପରେ ଅର୍ଥାତ୍ ୧୨ଶ ମିନିଟରେ ଇଂଲଣ୍ଡର ଡାର୍ସି ବୋର୍ନେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ମ୍ୟାଚ ୧-୧ ସ୍ଥିତିକୁ ଆସି ଯାଇଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦୀପିକା ଭାରତକୁ ପୁଣି ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୨-୧ରେ ଅଗ୍ରଣୀ ରହିଥିଲା।

ତୃତୀୟ କ୍ୱାର୍ଟରରେ ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜୋରଦାର ଟକ୍କର ହୋଇଥିଲା। ବିଶେଷ କରି ୫୮ତମ ମିନିଟରେ ଇଂଲଣ୍ଡର ଫିଓନା କ୍ରାକ୍‌ଲେସ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨କୁ ଚାଲି ଆସିଥିଲା ଏବଂ ଡ୍ର ସମ୍ଭାବନା ବଢ଼ିଥିଲା। ତେବେ ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଭାରତର ନଭନିତ କୌର ଏକ ଫିଲ୍ଡ ଗୋଲ କରି ଭାରତକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ନଭନିତ କୌରଙ୍କ ଗୋଲ ସହ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଖୁସିରେ ଝୁମି ଉଠିଥିଲେ। ଭାରତ ରବିବାର ପୁଣି ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ମ୍ୟାଚ ଖେଳିବ। ମ୍ୟାଚ ଶେଷରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ସୁନେଲିକା ଟପୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଆଜିର ମ୍ୟାଚ (ମହିଳା)**
ସ୍ପେନ ବନାମ ଜର୍ମାନୀ:
ସମୟ- ଅପରାହ୍ଣ ୩ଟା ୧୫ ମିନିଟ।
ଭାରତ ବନାମ ଇଂଲଣ୍ଡ:
ସମୟ- ଅପରାହ୍ଣ ୫ଟା ୧୫।
**ଆଜିର ମ୍ୟାଚ (ପୁରୁଷ)**
ଭାରତ ବନାମ ସ୍ପେନ୍
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ସ୍ପୋର୍ଟ୍ସ୧୮, ଷ୍ଟାର ସ୍ପୋର୍ଟ୍ସ

# ପୁରୁଷ ଦଳ ପରାସ୍ତ

ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)

ଭାରତୀୟ ପୁରୁଷ ହକି ଦଳର ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ଅଭିଯାନ ଭଲରେ ଆରମ୍ଭ ହୋଇନାହିଁ। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ନିଜର ପ୍ରଥମ ମ୍ଯାଚରେ ଭାରତ ୧-୩ ଗୋଲରେ ସ୍ପେନ୍ ନିକଟରୁ ହାରି ଯାଇଛି। ଫଳରେ ପରାଜୟ ସହ ଭାରତର ଅଭିଯାନ ଆରମ୍ଭ ହୋଇଛି। ମ୍ୟାଚ ଆରମ୍ଭରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଉପସ୍ଥିତ ଥିଲେ। ଏହି ସମୟରେ ଭାରତୀୟ ଖେଳାଳିମାନେ ଉଭୟ ଅତିଥିଙ୍କୁ ହକି ଷ୍ଟିକ୍ ଦେଇଥିଲେ। ପ୍ରଥମ ଉପମୁଖ୍ୟମନ୍ତ୍ରୀ ଓ ପରେ କ୍ରୀଡ଼ାମନ୍ତ୍ରୀ ଏହି ଷ୍ଟିକ୍ ସହାୟତାରେ ବଲ୍ ଗଡ଼ାଇଥିଲେ। ଏହାପରେ ହକି ଇଣ୍ଡିଆ ପକ୍ଷରୁ କନକ ବର୍ଦ୍ଧନ ଓ ସୂର୍ଯ୍ୟବଂଶୀଙ୍କୁ ଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା। ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଲଢ଼େଇ ଜୋରଦାର ଥିଲେ ମଧ୍ୟ କୌଣସି ଦଳର ଖେଳାଳି ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଘଟଣା ବହୁଳ ରହିଥିଲା। ୩୪ତମ ମିନିଟରେ ସୁଖଜିତ ସିଂ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ଭାରତୀୟ ଦଳର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୩ ମିନିଟ ପରେ ୨୮ତମ ମିନିଟରେ ଭାରତୀୟ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ବୋର୍ଜା ଲାସାଲେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ପଲ୍ କୋବ୍ରେ ଭେର୍ଡେଲ ଚତୁରତାର ସହ ଲାସାଲେଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ଲାସାଲେଙ୍କ ଷ୍ଟିକ୍ ବାଜି ବଲ୍ ଭାରତୀୟ ଗୋଲପୋଷ୍ଟରେ ପ୍ରବେଶ କରିଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷରେ ସ୍କୋର ୧-୧ ରହିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ପେନାଲ୍ଟି କର୍ନର ପାଇଥିଲେ। ମାତ୍ର ସ୍ପେନ୍‌ର ଇଗ୍ନାସିଓ କୋବୋସ ୩୮ତମ ମିନିଟରେ ଗୋଲ ଦେଇ ସ୍ପେନ୍‌କୁ ଆଗୁଆ କରିଥିଲେ। ୪୭ତମ ମିନିଟରେ ଗୋଲ ପରିଶୋଧ ପାଇଁ ବଡ଼ ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରରୁ ଅଧିନାୟକ ହରମନପ୍ରୀତ ସିଂ ମାରିଥିବା ଶଟ୍‌ର ଦମ୍ ନ ଥିଲା। ମ୍ୟାଚ ଶେଷ ହେବାପାଇଁ ୪ ମିନିଟ ବାକି ଥିବାବେଳେ ସ୍ପେନ୍‌କୁ ମିଳିଥିବା ପେନାଲ୍ଟି କର୍ନରକୁ ଆଭିଲା ବ୍ରୁନୋ ଗୋଲରେ ପରିଣତ କରିବାରୁ ଭାରତ ପରାଜୟ ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଉନ୍ନତ ପ୍ରଦର୍ଶନ ପାଇଁ ସ୍ପେନର ଗେରାଡ କ୍ଲାପେସ ପ୍ଲେୟର ଅଫ୍ ଦି ମ୍ୟଚ ବିବେଚିତ ହୋଇଥିଲେ।

# ଜାନିକ ସିନରଙ୍କୁ ୩ ମାସ ବାସନ୍ଦ

ଲଣ୍ଡନ, ୧୫।୨ (ଏପି)

ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି (ୱାଡା) ସହିତ ଆପୋସ ବୁଝାମଣା ପରେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଜାନିକ ସିନରଙ୍କୁ ୩ ମାସ ବାସନ୍ଦ କରାଯାଇଛି। ସିନର ଦୁଇଥର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ସିନରଙ୍କୁ ଅତିକମ୍‌ରେ ଏକ ବର୍ଷ ବାସନ୍ଦ କରିବା ଲାଗି ୱାଡା ଚାହୁଁଥିଲା।

# ରାମେଶ୍ୱର-ବାପୁଜୀ ଫାଇନାଲ

ଭୁବନେଶ୍ୱର, ୧୫।୨ (ବିଜୟ ରଣା)

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୮ମ ନବ ଦାଶ ଏବଂ ୪ର୍ଥ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ଟି ସେମିଫାଇନାଲ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ଓ ବାପୁଜୀ କ୍ରିକେଟ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ସେମିଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୬୦ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ କୁମାର ୨୧ ବଲ୍‌ରୁ ୩୧ (୩ ଚୌକା, ୧ ଛକା) କରିଥିଲେ। ବିପକ୍ଷ ଦଳର ବସନ୍ତ ମହାନ୍ତି ତାଙ୍କ ୪ ଓଭର ବୋଲିଂରେ ୨୪ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୮.୩ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଯାଇଥିଲା। ଆୟୁଷ କୁମାର ବାରିକ ୪୧ ରନ (୨୯ ବଲ୍, ୩ ଚୌକା ୩ ଛକା) କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୫ ବଲ୍‌ରେ ୧୨ ରନ କରିବା ସହ ତାଙ୍କ ୪ ଓଭର ବୋଲିଂରେ ୨୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୨୧୬ ରନ କରିଥିଲା। ଅଧିନାୟକ ସିଦ୍ଧାନ୍ତ କୁମାର ଜେନା ୬୩ ବଲ୍‌ରୁ ୧୦୩ ରନ (୮ ଚୌକା ଓ ୯ ଛକା) କରିଥିବାବେଳେ କ୍ଷମାସାଗର ବଳ ୨୭ ବଲ୍‌ରୁ ୫୫ ରନ କରିଥିଲେ। ବିପକ୍ଷ କଟକ ୟୁନିୟନ ସ୍ପୋର୍ଟିଂ ଦଳର ଜ୍ୟୋତିରଞ୍ଜନ ଦଳାଇ ତାଙ୍କ ୪ ଓଭର ବୋଲିଂରେ ୩୩ ରନ ଦେଇ ୨ ଉଇକେଟ ନେଇଥିଲେ। ୨୧୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୦.୫ ଓଭରରେ ମାତ୍ର ୫୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ବିନାୟକ ସାହୁ ୧୭ ରନ କରିଥିଲେ। ବାପୁଜୀ ଦଳର ମନୋଜ କୁମାର ବାରିକ ତାଙ୍କ ୩ ଓଭର ବୋଲିଂରେ ୨୪ ରନ ଦେଇ ୩ଉଇକେଟ ନେଇଥିବା ବେଳେ ଅତୁଲ ୧.୫ ଓଭର ବୋଲିଂ କରି ମାତ୍ର ୨ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ସିଦ୍ଧାନ୍ତ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜର୍ମାନୀକୁ ହରାଇଲା ସ୍ପେନ୍

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ମହିଳା ବିଭାଗ ପ୍ରଥମ ମ୍ୟାଚରେ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ଜର୍ମାନୀକୁ ସ୍ପେନ୍ ୨-୧ ଗୋଲରେ ପରାସ୍ତ କରିଛି। ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ସମ୍ପ୍ରତି ୪ ଓ ସ୍ପେନ୍ ୮ ନମ୍ବର ସ୍ଥାନରେ ରହିଛି। ମାତ୍ର ଏଠାରେ ପ୍ରଭାବୀ ପ୍ରଦର୍ଶନ କରି ସ୍ପେନ୍ ବାଜି ମାରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମ ଦୁଇ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ପ୍ରଥମାର୍ଦ୍ଧ ୦-୦ ସ୍ଥିତିରେ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୫ତମ ମିନିଟରେ ସ୍ପେନ୍‌ର ଇସ୍ତେଲ ପେଚାମି ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଅଳ୍ପ କିଛିକ୍ଷଣ ଥିବାବେଳେ ଜର୍ମାନୀର ସୋଫିଆ ସ୍କାବେ ୪୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ସ୍ୱାଭାବିକ ଭାବେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ପକ୍ଷ ଜୋରଦାର ଉଦ୍ୟମ କରିଥିବାବେଳେ ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଆଗୁଲୋ ବେର୍ଟା ଏକ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ମ୍ୟାଚରେ ଜର୍ମାନୀ ଗୋଟିଏ ମାତ୍ର ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିବାବେଳେ ସ୍ପେନ୍ ୪ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଏଥିରେ ଗୋଟିଏ ହେଲେ ଗୋଲ ହୋଇପାରି ନ ଥିଲା। ୪ ମ୍ୟାଚରୁ ସ୍ପେନ୍‌ର ଏହା ପ୍ରଥମ ବିଜୟ ହୋଇଥିବାବେଳେ ଜର୍ମାନୀ ସମାନ ସଂଖ୍ୟକ ମ୍ୟାଚ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି।

# ଟିକେଟ ସୋଲ୍ଡ ଆଉଟ, ଗ୍ୟାଲେରି ଫାଙ୍କା

## କଳିଙ୍ଗ କର୍ନର

ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ହକି ଇଣ୍ଡିଆ ପକ୍ଷରୁ ଟିକେଟ ଫ୍ରି କରାଯାଇଥିଲା। ଦର୍ଶକମାନେ ଅନ୍‌ଲାଇନରେ ଟିକେଟ କିଣି ଏହାକୁ ଷ୍ଟାଡିୟମ ନିକଟରେ ଥିବା କାଉଣ୍ଟରରେ ଦେଖାଇ ଅସଲ ଟିକେଟ ଆଣି ପାରିବେ ବୋଲି କୁହାଯାଇଥିଲା। ଶନିବାର ମ୍ୟାଚ ପାଇଁ ଶୁକ୍ରବାର ଅନ୍‌ଲାଇନରେ ଟିକେଟ ସୋଲ୍ଡ ଆଉଟ ଦେଖାଇଥିଲା। ମାତ୍ର ମ୍ୟାଚ ସମୟରେ ୪ଟି ଯାକ ଗ୍ୟାଲେରିର ଅଧିକାଂଶ ଭାଗ ଫାଙ୍କା ରହିଥିବା ପରିଲକ୍ଷିତ ହୋଇଥିଲା। ଅନ୍‌ଲାଇନରେ ମାଗଣାରେ ଟିକେଟ ଉପଲବ୍ଧ ହେଉଥିବାରୁ ଦର୍ଶକମାନେ ଏକାଧିକ ଟିକେଟ କିଣି ଦେଇ ପରେ ଷ୍ଟାଡିୟମକୁ ସମ୍ଭବତଃ ଆସି ନ ଥିଲେ। ଭାରତ-ଇଂଲଣ୍ଡ ମହିଳା ହକି ମ୍ୟାଚ ବେଳେ ଇଷ୍ଟ ଗ୍ୟାଲେରିରେ କିଛି ସ୍କୁଲ ପିଲାଙ୍କୁ ଦେଖିବାକୁ ମିଳିଥିଲା। ପ୍ରଥମ ଦିବସ ହୋଇଥିବାରୁ ଅଧିକ ସଂଖ୍ୟାରେ ସ୍କୁଲ ପିଲା ସମ୍ଭବତଃ ଆସି ନ ଥିଲେ ବୋଲି ମଧ୍ୟ ଆଲୋଚନା ହେଉଥିଲା। ତେବେ ଯେତିକି ସଂଖ୍ୟାରେ ବି ଦର୍ଶକ ଉପସ୍ଥିତ ଥିଲେ ଭାରତୀୟ ଦଳର ମ୍ୟାଚକୁ ଖୁବ୍ ମନଭରି ଉପଭୋଗ କରିଥିଲେ।

# କାନାରା ବ୍ୟାଙ୍କକୁ ହରାଇ ସାପିଏନ୍ସ ଫାଇନାଲରେ

## ଟିଲୋ କପ୍

ବନ୍ତ, ୧୫।୨ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍‌ର ୯ମ ଦିନର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାନାରା ବ୍ୟାଙ୍କ ବେଙ୍ଗାଲୁରୁକୁ ହରାଇ ଗୁରୁଗାଁଓ ସାପିଏନ୍ସ ଫାଇନାଲରେ ପ୍ରବେଶ କରିଛି। ସାପିଏନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଦଳ ପକ୍ଷରୁ ଶିବା ସିଂହ ୮୦ ଓ ଶୁଭମ୍ ଗରିୱାଲ ୨୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦୀପରାଜ ଗାଁଓକର ୨ ଉଇକେଟ୍ ନେଇଥିଲେ। ୧୭୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ କାନାରା ବ୍ୟାଙ୍କ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଭରତ ଚିପଲି ୫୭ ଓ କେଭି ସିଦ୍ଧାର୍ଥ ୩୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମୟାଙ୍କ ରାୱତ୍ ୨ ଉଇକେଟ ନେଇଥିଲେ। ସାପିଏନ୍ସ ୭ ରନ୍‌ରେ ବିଜୟୀ ହୋଇଥିଲା। ସାପିଏନ୍ସର ଶିବା ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ପ୍ରଶାନ୍ତ ପୃଷ୍ଟି, ଲଣ୍ଡନସ୍ଥିତ ପ୍ରବାସୀ ଭାରତୀୟ ଇଂ. ତରୁଣ ଦାସ, ଯୁବନେତା ହୃଦୟ ରଞ୍ଜନ ମହାପାତ୍ର, ଓଡ଼ଙ୍ଗ ସରପଞ୍ଚ ପ୍ରତିନିଧି ଚିନ୍ମୟ ଦାସ, ଇଂ.ପ୍ରସନ୍ନଜିତ୍ ରାଜ, ରମାକାନ୍ତ ପାଣିଗ୍ରାହୀ, ଶଙ୍କର୍ଷଣ ଧଳ ଓ ଅନିନ୍ଦିତା ଜେନା ଯୋଗ ଦେଇଥିଲେ। ଅତିଥିମାନେ ଗଣିଜାଙ୍ଗ ଏକାଡେମିକ୍ ସ୍କୁଲ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ଦୁବାଇରେ ଭାରତୀୟ କ୍ରିକେଟ ଦଳ

## ଚାମ୍ପିୟନ୍ସ ଟ୍ରଫି

ମୁମ୍ବାଇ, ୧୫।୨ (ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଶନିବାର ସ୍ଥାନୀୟ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନ ଯୋଗେ ଦୁବାଇରେ ପହଞ୍ଚିଛନ୍ତି। ଅଧିନାୟକ ରୋହିତ ଶର୍ମା, ଉପଅଧିନାୟକ ଶୁବମନ ଗିଲ୍ ଏବଂ ଷ୍ଟାର ବ୍ୟାଟର ବିରାଟ କୋହଲି ଏବଂ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଦଳର ଅଧିକାଂଶ ସଦସ୍ୟ ଟିମ୍ ବସ୍ ଯୋଗେ ବିମାନ ବନ୍ଦରରେ ପହଞ୍ଚିଥିଲେ। ଦଳକୁ ବିଦାୟ ଜଣାଇବା ଲାଗି ବହୁ ଖେଳାଳି ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସେମାନଙ୍କ ପ୍ରିୟ ଖେଳାଳିଙ୍କଠାରୁ ଅଟୋଗ୍ରାଫ୍ ନେଇଥିଲେ। ଗତ ଜୁନ୍‌ରେ ଟି୨୦ ବିଶ୍ୱକପ୍ ଜିତିଥିବା ଭାରତ ଆଉ ଏକ ବିଶ୍ୱକପ୍ ଟ୍ରଫି ଜିତିବା ଲାଗି ଆଶା ରଖିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ବିନା ଭାରତ ଦୁବାଇରେ ଫେବୃଆରୀ ୨୦ରେ ବାଂଲାଦେଶକୁ ଭେଟି ଏହାର ଅଭିଯାନ ଆରମ୍ଭ କରିବ। ପରେ ଫେବୃଆରୀ ୨୩ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ମାର୍ଚ୍ଚ ୨ରେ ଦଳ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩-୦ରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବିଜୟ ପରେ ଭାରତର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ରୋହିତ ଓ କୋହଲିଙ୍କଠାରୁ କିଛି ରନ ଆଶା କରୁଛି। ଟେଷ୍ଟ କ୍ରିକେଟରେ ବାରମ୍ବାର ବିଫଳ ହେବାରୁ ଦୁଇ ବ୍ୟାଟରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ତେବେ ନିକଟରେ ସେମାନେ ତାହାର ଜବାବ ଦେଇଛନ୍ତି। ଇଂଲଣ୍ଡ ବିପକ୍ଷ କଟକ ଅନ୍ତର୍ଜାତୀୟ ଦିନିକିଆରେ ରୋହିତ ୯୦ ବଲ୍‌ରୁ ଚମତ୍କାର ୧୧୯ ରନ କରିଛନ୍ତି। ଅହମଦାବାଦରେ କୋହଲି ତାଙ୍କର ୭୩ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଥିଯୋଗୁ ଦୁଇ ବ୍ୟାଟରଙ୍କୁ ହୁଏତ ସାମୟିକ ଆଶ୍ୱସ୍ତି ମିଳିଥାଇପାରେ, ହେଲେ ଚାମ୍ପିୟନ୍ସ ଟ୍ରଫିରେ ସେମାନଙ୍କ ପ୍ରଦର୍ଶନ ସେମାନଙ୍କ କ୍ରିକେଟ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ(ଚକ୍ର) ଜୁନ୍‌ରୁ ଆରମ୍ଭ ହେବ। ଏଥିରୁ ୨୦୨୭ରେ ହେବାକୁଥିବା ୫୦ ଓଭର ବିଶ୍ୱକପ୍ ପାଇଁ ଏକ ଦଳ ଗଢ଼ିବାକୁ ହେବ। ତେଣୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ ପ୍ୟାନେଲ ଦୁବାଇରେ ଏହି ଦୁଇ ଭେଟେରାନ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବ। ଅନ୍ତର୍ଜାତୀୟ ଦିନିକିଆ ଇତିହାସରେ ୧୪,୦୦୦ ରନ ପୂରଣ କରିବାରେ ତୃତୀୟ ବ୍ୟାଟର ହେବାର ଗୌରବ ଅର୍ଜନ କରିବା ଲାଗି କୋହଲି ଆଉ ମାତ୍ର ୩୭ରନ ଆବଶ୍ୟକ କରୁଛନ୍ତି। ସେହିପରି ରୋହିତ ଆଉ ମାତ୍ର ୧୨ ରନ କରିପାରିଲେ ୧୧,୦୦୦ ରନ ପୂରଣ କରିବାରେ ୧୦ମ ବ୍ୟାଟର ହେବେ। କିନ୍ତୁ ଟ୍ରଫି ହାସଲ ବିନା ଏହି ରେକର୍ଡର ମୂଲ୍ୟ ଖାସ୍ ରହିବ ନାହିଁ। ଅନ୍ୟପକ୍ଷରେ ଯୁବ ଖେଳାଳିଙ୍କ ଲାଗି ଏହି ଟୁର୍ନାମେଣ୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯୁବ ବ୍ୟାଟର ଗିଲ୍‌ଙ୍କୁ ବଡ଼ ପଦୋନ୍ନତି ଦିଆଯାଇ ତାଙ୍କୁ ଉପ ଅଧିନାୟକ କରାଯାଇଛି, ଯାହାଙ୍କର କି ଏହି ଫର୍ମାଟରେ ଆଭରେଜ ପାଖାପାଖି ୬୧ ରହିଛି। ଚାମ୍ପିୟନ୍ସ ଟ୍ରଫିରେ ତାଙ୍କ ପ୍ରଦର୍ଶନ କିପରି ରହୁଛି ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଇଞ୍ଜୁରୀ ପାଇଁ ବୁମ୍‌ରାଙ୍କ ଅନୁପସ୍ଥିତି ଅର୍ଶଦୀପ ସିଂ ଓ ହର୍ଷିତ ରାଣାଙ୍କ ଭଳି ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଦଳର ଅନ୍ୟତମ ବଡ଼ ଅସ୍ତ୍ର ବୋଲି ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରମାଣ କରି ଦେଖାଇବାକୁ ପଡ଼ିବ।


ଦୁବାଇ ଯିବା ପୂର୍ବରୁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ